# ମାର୍ଚ୍ଚ ୨୭ : ବିଶ୍ୱ ନାଟକ ଦିବସର ବାର୍ତ୍ତା

ଆନ୍ତର୍ଜାତିକ ନାଟକ ସଂସ୍ଥା (ITI) ଦ୍ୱାରା 'ବିଶ୍ୱ ନାଟକ ଦିବସ' ପାଳନ କରିବାର ପରମ୍ପରା ସୃଷ୍ଟି କରାଯାଇଥିଲା ୧୯୬୧ରେ ସର୍ବ ପ୍ରଥମେ । ପ୍ରତିବର୍ଷ ମାର୍ଚ୍ଚ ୨୭ ତାରିଖରେ ସାରା ବିଶ୍ୱରେ କଳାକାର, ନାଟ୍ୟ ସଂସ୍ଥା ଏବଂ ନାଟକ ସମ୍ପ୍ରଦାୟ ସହିତ ସଂଶ୍ଳିଷ୍ଟ ସମସ୍ତେ 'ବିଶ୍ୱ ନାଟକ ଦିବସ'କୁ ପାଳନ କରିଥାଆନ୍ତି । ଏହି ଅବସରରେ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ନାଟ୍ୟ ଅନୁଷ୍ଠାନମାନ ଆୟୋଜିତ ହୋଇଥାଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟଟି ହେଲା ବିଶ୍ୱ ନାଟକ ଦିବସର ଆନ୍ତର୍ଜାତିକ ବାର୍ତ୍ତା, ଯାହାକି ଆନ୍ତର୍ଜାତୀୟ ନାଟକ ସଂସ୍ଥା (ITI) ର ନିମନ୍ତ୍ରଣ କ୍ରମେ ଜଣେ ଆନ୍ତର୍ଜାତୀୟ ଖ୍ୟାତିସଂପନ୍ନ ବ୍ୟକ୍ତିତ୍ୱ 'ନାଟକ ଏବଂ ଶାନ୍ତିର ସଂସ୍କୃତି' ବିଷୟ ଉପରେ ତାଙ୍କର ଅନୁଭୂତି ମିଶା ଏକ ବାର୍ତ୍ତା ସାରା ବିଶ୍ୱର ନାଟକ ସମ୍ପ୍ରଦାୟ ତଥା ଜନଗଣଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥାଆନ୍ତି । ୧୯୬୨ରେ ସର୍ବପ୍ରଥମ 'ବିଶ୍ୱ ନାଟକ ଦିବସର ବାର୍ତ୍ତା' ରଚନା କରିଥିଲେ ଫ୍ରାନ୍ସର ଖ୍ୟାତିସମ୍ପନ୍ନ ନାଟ୍ୟ ପ୍ରଯୋଜକ ଜିଏନ କୋକ୍ଟୋ ।

ଚଳିତ ବର୍ଷ ବିଶ୍ୱ ନାଟକ ଦିବସର ବାର୍ତ୍ତା ପ୍ରଦାନ କରିଛନ୍ତି ଇଟାଲୀର ବ୍ୟଙ୍ଗ ସାହିତ୍ୟିକ, ନାଟ୍ୟକାର, ନାଟକ ନିର୍ଦ୍ଦେଶକ, ମଞ୍ଚ କଳାକାର, ସଙ୍ଗୀତ ନିର୍ଦ୍ଦେଶକ ତଥା ୧୯୯୭ରେ ସାହିତ୍ୟରେ ନୋବେଲ ପୁରସ୍କାରପ୍ରାପ୍ତ ପ୍ରଖ୍ୟାତ ନାଟ୍ୟକାର *ଡାରିଓ ଫୋ* । ଏହି ବାର୍ତ୍ତାକୁ ଭାରତରେ କୋଣ ଅନୁକୋଣରେ ପହଞ୍ଚାଇବା ପାଇଁ ଭାରତୀୟ ଗଣନାଟ୍ୟ ସଂଘ (ଇପ୍ଟା) ପକ୍ଷରୁ ଯଥାସାଧ୍ୟ ଉଦ୍ୟମ କରାଯାଉଛି । ନିମ୍ନରେ ଏହି ବାର୍ତ୍ତାର ଓଡ଼ିଆ ଅନୁବାଦ ପ୍ରକାଶ କରାଯାଉଛି–

## ଡାରିଓ ଫୋଙ୍କ ବାର୍ତ୍ତା



ଏକଦା ବହୁବର୍ଷ ପୂର୍ବେ, କ୍ଷମତାସୀନ ଶାସକବର୍ଗ ହାସ୍ୟ-ବ୍ୟଙ୍ଗ ପ୍ରଦର୍ଶନକାରୀ କଳାକାରମାନଙ୍କ ପ୍ରତି ଅସହ୍ୟ ହୋଇ ସେମାନଙ୍କୁ ଦେଶ ବାହାରକୁ ତଡ଼ି ନେଉଥିଲେ । ଫଳରେ ସହନଶୀଳତା ଲୋପ ପାଇବାର କାରଣରୁ, ଆଜି ମଧ୍ୟ ଏହି ସଂକଟ ଯୋଗୁଁ, କଳାକାର ଏବଂ ନାଟ୍ୟ ସଂସ୍ଥାମାନେ ନାଟକ ପରିବେଷଣ ନିମନ୍ତେ ସର୍ବସାଧାରଣ ମଞ୍ଚ, ପ୍ରେକ୍ଷାଳୟ ତଥା ଦର୍ଶକଙ୍କୁ ପାଇବା ମୁସ୍କିଲ ହୋଇଛି । ଅତଏବ, ଅନ୍ୟପ୍ରତି ବ୍ୟଙ୍ଗ ସମାଲୋଚନା ଏବଂ ତୀର୍ଯ୍ୟକ ଆକ୍ଷେପ କରୁଥିବା ଲୋକଙ୍କୁ ନିୟନ୍ତ୍ରଣ କରିବାର ସମସ୍ୟାର ସମ୍ମୁଖୀନ ହେବାକୁ ପଡୁ ନାହିଁ ଶାସକ ଶ୍ରେଣୀକୁ, ଯେହେତୁ କଳାକାର ନାହାନ୍ତି କି ଦର୍ଶକ ନାହାନ୍ତି ଦେଖିବା, ଶୁଣିବା ପାଇଁ ନାଟକ ।

ଅପରପକ୍ଷରେ, ରେନେସାଁ କାଳରେ ଇଟାଲୀରେ କ୍ଷମତାସୀନ ଶାସକ ବର୍ଗଙ୍କ ଦ୍ୱାରା ଏହି ହାସ୍ୟ ବ୍ୟଙ୍ଗରସ ପରିବେଷଣକାରୀ କଳାକାରଙ୍କୁ ଲୋକଙ୍କଠାରୁ ଦୂରେଇ ରଖିବା ପାଇଁ ଯତ୍‌ପରୋନାସ୍ତି ଉଦ୍ୟମ କରାଯାଉଥିଲା ଏଇଥିପାଇଁ ଯେ, ଏହି କଳାକାରମାନେ ବିପୁଳ ସଂଖ୍ୟକ ଦର୍ଶକଙ୍କ ପ୍ରଶଂସାର ପାତ୍ର ଥିଲେ ।

ଏହା ସର୍ବବିଦିତ ଯେ, ବ୍ୟଙ୍ଗ-ହାସ୍ୟରସ କଳା ପରିବେଷଣକାରୀ (*Commedia dell'Arte*) କଳାକାରମାନଙ୍କୁ ଦେଶାନ୍ତର କରାଯିବା ଘଟଣା ସଂସ୍କାର-ପ୍ରତିରୋଧର ଶତାବ୍ଦୀରେ ଘଟିଥିଲା । ସେତେବେଳେ ସମସ୍ତ ପ୍ରକାର ନାଟକ, ନାଟ୍ୟ ପରିବେଷଣକୁ ଛିନ୍ନଭିନ୍ନ କରିବା ପାଇଁ ଅଧ୍ୟାଦେଶ ପ୍ରକାଶ ପାଇଥିଲା । ବିଶେଷକରି ରୋମ୍‌ରେ ସେମାନଙ୍କୁ ଉପରେ ପୂଜ୍ୟ ନଗରୀକୁ ଅପମାନିତ କରିଥିବା ଅଭିଯୋଗ କରାଯାଇଥିଲା । ୧୬୯୭ରେ ପୋପ୍ ଇନ୍ନୋସେଣ୍ଟ୍ ଦ୍ୱାଦଶ, କଟ୍ଟର ରକ୍ଷଣଶୀଳ

ବୁର୍ଜୁଆ ତଥା ଖ୍ରୀଷ୍ଟିୟାନ ଧର୍ମଯାଜକମାନଙ୍କ ଚାପ ଏବଂ ବାରମ୍ବାର ପ୍ରତିବେଦନ ଯୋଗୁ ନୈତିକତାବାଦୀମାନଙ୍କ ମତରେ ସର୍ବାଧିକ ସଂଖ୍ୟକ ଅଶ୍ଳୀଳ ନାଟକ ପରିବେଷଣ କରିଥିବା ହେତୁ *ତୋର୍ଦିନୋନା* ନାଟ୍ୟ ସଂସ୍ଥାକୁ ଭଙ୍ଗ କରାଯିବା ପାଇଁ ଆଦେଶ ଦେଇଥିଲେ ।

ସଂସ୍କାର ପ୍ରତିରୋଧ ସମୟରେ କାର୍ଡିନାଲ କାର୍ଲୋ ବରୋମିଓ, ଯିଏକି ଇଟାଲୀର ଉତ୍ତରାଞ୍ଚଳରେ ସକ୍ରିୟ ଥିଲେ, ସେ କଳାକୁ ଆଧ୍ୟାତ୍ମିକ ଶିକ୍ଷାର ସର୍ବୋଚ୍ଚ ମାଧ୍ୟମ ଏବଂ ନାଟକକୁ ଧର୍ମନିନ୍ଦା ଓ ମିଥ୍ୟାଚାର ତଥା ଅପବିତ୍ରତାର ପ୍ରଦର୍ଶନ ଭାବେ ସ୍ପଷ୍ଟ ବର୍ଣ୍ଣନା କରି ନାଟ୍ୟ ସମ୍ପ୍ରଦାୟକୁ '*ଘୃଣିତ ସନ୍ତାନ*' ଭାବେ ଦର୍ଶାଇଥିଲେ । ତାଙ୍କର ସହଯୋଗୀମାନଙ୍କୁ ସେ ଲେଖିଥିବା ଏକ ପତ୍ରରେ ବିଷୟକୁ ଏଠାରେ ଉଦ୍ଧୃତ କରୁଛି: "ପାପୀ, ଦୁରାଚାର ସମ୍ପ୍ରସାରଣକାରୀଙ୍କୁ ସମୂଳେ ବିନାଶ କରିବା ପାଇଁ, ଅପ୍ରସିଦ୍ଧ ଓ ଅପବିତ୍ର କଥାମାନ ଭରିରହିଥିବା ପୁସ୍ତକଗୁଡ଼ିକୁ ନିଆଁରେ ପୋଡ଼ିଦେବା ଦିଗରେ ଆମେ ଯାହା କରିପାରିବା କଥା, ସବୁ କରିଛୁ । ମନୁଷ୍ୟମାନଙ୍କର ସ୍ମୃତିରୁ ସେଗୁଡ଼ିକୁ ଲିଭାଇ ଦେବା ସଙ୍ଗେ ସଙ୍ଗେ ଏହିସବୁ କଥାର ପାଣ୍ଡୁଲିପିକୁ ଯେଉଁମାନେ ପୁସ୍ତକ ଭାବେ ଛାପିଛନ୍ତି ସେମାନଙ୍କ ଉପରେ ମକଦ୍ଦମା ଚଳାଇବାକୁ ଯାହାକିଛି କରାଯିବା କଥା, ସବୁ ଆମେ କରିଛୁ । କିନ୍ତୁ, ସେ ଯାହାହେଉ ଆମେ ଶୋଇ ରହିଥିବା ବେଳେ ଦୁଷ୍ଟଶକ୍ତିମାନେ ଅତ୍ୟନ୍ତ ଚତୁରତାର ସହିତ ତାଙ୍କର ଉଦ୍ୟମ ଜାରି ରଖିଛନ୍ତି ଯେ, ସେମାନଙ୍କ କାର୍ଯ୍ୟ ଆତ୍ମାକୁ ଏତେ ପ୍ରଭାବଶାଳୀ ଭାବେ ଛୁଇଁ ପାରୁଛି । ଏସବୁ ପୁସ୍ତକରୁ ପଢ଼ିବା ଅପେକ୍ଷା ଆଖିରେ ଯାହା ଦେଖି ପାରିବା, ତାହା ଅତ୍ୟନ୍ତ ପ୍ରଭାବଶାଳୀ । ପୁସ୍ତକର ମୃତ ଶବ୍ଦ ଅପେକ୍ଷା ନାଟକର ସଂଳାପ ଓ ଭାବଭଙ୍ଗୀ ଅତ୍ୟନ୍ତ କ୍ଷତିକାରକ ଏବଂ ଅଧିକ ପାପକାର୍ଯ୍ୟ କରିବା ପାଇଁ ଯୁବକ ଯୁବତୀମାନଙ୍କୁ ଉସୁକାଉଛି । ସୁତରାଂ, ଆମେ ଅନାବଶ୍ୟକ ଆତ୍ମାମାନଙ୍କୁ ଯେପରି ଦୂରେଇ ରଖୁ ସେହିପରି ଆମର ନଗରୀମାନଙ୍କରୁ ଏହି ନାଟକ ପ୍ରଯୋଜକମାନଙ୍କୁ ନିକାଲି ବାହାର କରିବା ଅତ୍ୟନ୍ତ ଜରୁରୀ ।"

ଅତଏବ, ଏହି ସଙ୍କଟର ଏକମାତ୍ର ସମାଧାନ ହେଉଛି ଆମ୍ଭମାନଙ୍କ ପାଇଁ ବିଶେଷକରି ନାଟକ କଳା ଶିକ୍ଷା ଗ୍ରହଣ କରିବାକୁ ଚାହୁଁଥିବା ଯୁବ ସମ୍ପ୍ରଦାୟ ବିରୋଧରେ ବୃହତ୍ ଧରଣର ନିର୍ବାସନ ସଂଗଠିତ ହେବା ଆଶା କରିବା: ଏକ ନୂତନ ଧରଣର ହାସ୍ୟ-ବ୍ୟଙ୍ଗରସ ପରିବେଷଣ କରୁଥିବା ନାଟକ ପ୍ରଯୋଜକ ସୃଷ୍ଟି କରିବା, ଯେଉଁମାନେ କି ଏଭଳି ଅନ୍ୟାୟ ଆଦେଶ ଜାରିରୁ ମଧ୍ୟ ନିଃସନ୍ଦେହ ଭାବେ ଏକ ନୂତନ ପ୍ରତିନିଧିତ୍ୱ ପାଇଁ କଳ୍ପନାତୀତ ଫାଇଦା ହାସଲ କରିପାରିବେ ।

**ଇଣ୍ଟରନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ୍ (ITI), ଇଟାଲୀ**
**ଭାରତରେ ଭାରତୀୟ ଗଣନାଟ୍ୟ ସଂଘ (ଇପ୍‌ଟା) ପକ୍ଷରୁ ପ୍ରଚାରିତ**
**ଭାଷାନ୍ତର : ରମେଶ ଚନ୍ଦ୍ର ପାଢୀ**